# NATIONAL NEWS BULLETIN (ODIA)

**18 October - 2024**

**Morning Bulletin : 7.15 a.m.**

**********************************

## ମୁଖ୍ୟ ସମ୍ବାଦ

- ମାଲଦ୍ୱିପ ଗସ୍ତର ଆଜି ଦ୍ୱିତୀୟ ଦିନରେ ପ୍ରତିନିଧି ସ୍ତରୀୟ ଆଲୋଚନା ସମେତ ଦ୍ୱିପାକ୍ଷିକ ବୈଠକ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ଝାଡ଼ଖଣ୍ଡ ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିମନ୍ତେ ଆଜି ପ୍ରକାଶ ପାଇବ ବିଜ୍ଞପ୍ତି ।

- ମେଘାଳୟରେ ୩ ଦଶମିକ୍ ୬ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଅନୁଭୂତ ।

- ଲୋକପ୍ରିୟ ଅଭିନେତା ତଥା କୋଲକାତା ଦୂରଦର୍ଶନ ସମ୍ବାଦ ପାଠକ ଦେବରାଜ ରାୟଙ୍କ ପରଲୋକ ।

ଏବଂ

- ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଆଜି ତୃତୀୟ ଦିନରେ ୧୮୦ରନ୍‌ରୁ ବ୍ୟାଟିଂ ଜାରି ରଖିବ ନ୍ୟୁଜିଲାଣ୍ଡ ।

## ରାଷ୍ଟ୍ରପତି ମାଲଦ୍ୱିପ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତିନୋଟି ଆଫ୍ରିକୀୟ ରାଷ୍ଟ୍ର ଗସ୍ତର ଶେଷ ପର୍ଯ୍ୟାୟରେ ମାଲଦ୍ୱିପ ଠାରେ ପହଞ୍ଚିଛନ୍ତି । ଆଜି ସେଠାରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଦ୍ୱିପାକ୍ଷିକ ବୈଠକ ସମେତ ପ୍ରତିନିଧି ସ୍ତରୀୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

ଆମ ସମ୍ବାଦଦାତାଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମାଲଦ୍ୱିପର ରାଷ୍ଟ୍ରପତି ଲାଜାରୁସ ଚକେରାଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ । ଉଭୟ ଦେଶ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ରାଷ୍ଟ୍ରପତିଙ୍କ ସହ ଯାଇଥିବା ପ୍ରତିନିଧି ଦଳ ମାଲଦ୍ୱିପ ପ୍ରତିପକ୍ଷ ପ୍ରତିନିଧି ଦଳଙ୍କ ସହ ଆଲୋଚନା କରିବେ । ଶ୍ରୀମତୀ ମୁର୍ମୁ ସେଠାରେ ଥିବା ଜାତୀୟ ଯୁଦ୍ଧ ସ୍ମାରକ ପରିଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବାର କାର୍ଯ୍ୟକ୍ରମ ରହିଛି ।

ଗତ ସନ୍ଧ୍ୟାରେ ରାଷ୍ଟ୍ରପତି ମାଲଦ୍ୱିପରେ ରହୁଥିବା ଭାରତୀୟ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ । ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ଲାଗି ପ୍ରବାସୀ ଭାରତୀୟମାନଙ୍କୁ ଆହୁରି ଉତ୍ସାହର ସହ କାର୍ଯ୍ୟ କରିବା ଲାଗି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପରାମର୍ଶ ଦେଇଥିଲେ ।

## ଝାଡ଼ଖଣ୍ଡ-ନୋଟିଫିକେସନ୍

ଝାଡ଼ଖଣ୍ଡ ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ଆଜି ବିଜ୍ଞପ୍ତି ପ୍ରକାଶ ପାଇବ । ଆସନ୍ତାମାସ ୧୩ ତାରିଖରେ ପ୍ରଥମ ପର୍ଯ୍ୟାୟରେ

୪୩ଟି ଆସନ ନିମନ୍ତେ ମତଦାନ ଅନୁଷ୍ଠିତ ହେବ । ଚଳିତ ମାସ ୨୫ ତାରିଖ ସୁଦ୍ଧା ଆଶାୟୀ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବା ଲାଗି ସମୟ ଧାର୍ଯ୍ୟ କରାଯାଇଛି । ଦିନ ୧୧ଟାରୁ ଅପରାହ୍ଣ ୩ଟା ମଧ୍ୟରେ ନାମାଙ୍କନପତ୍ର ଦାଖଲ କରାଯାଇପାରିବ । ଆସନ୍ତା ୨୮ରେ ପ୍ରାର୍ଥୀପତ୍ର ଗୁଡ଼ିକୁ ଯାଞ୍ଚ୍ କରାଯିବ ଓ ୩୦ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯାଇପାରିବ । ଝାଡ଼ଖଣ୍ଡ ବିଧାନସଭା ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ନଭେମ୍ବର ୨୦ ତାରିଖରେ ହେବାକୁ ଥିବାବେଳେ ସମସ୍ତ ପର୍ଯ୍ୟାୟର ଭୋଟ୍ ଗଣତି ୨୩ ତାରିଖରେ କରାଯିବ ।

ଆମ ସମ୍ବାଦଦାତା ଜଣାଇଛନ୍ତି, ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍.ଡି.ଏ. ଏବଂ ଇଣ୍ଡିଆ ମେଣ୍ଟ ସେମାନଙ୍କ ଅଂଶିଦାର ଅନ୍ୟ ରାଜନୈତିକ ଦଳ ଗୁଡ଼ିକ ସହ ଆସନ ବୁଝାମଣା କରିବେ । ବିଜେପି ଏହି ନିର୍ବାଚନରେ ଏ.ଜେ.ଏସ୍.ୟୁ., ଜନତା ଦଳ ୟୁନାଇଟେଡ୍ ଏବଂ ଚିରାଗ ପାଶ୍ୱାନ୍ ସମର୍ଥିତ ଏଲ୍.ଜେ.ପି. ଦଳ ସହ ଆସନ ବୁଝାମଣା କରିବାକୁ ଥିବାବେଳେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା, କଂଗ୍ରେସ, ରାଷ୍ଟ୍ରୀୟ ଜନତା ଦଳ ଏବଂ ସି.ପି.ଆଇ.ଏମ୍.ଏଲ୍. ସହ ଆସନ ବୁଝାମଣା କରିବ ।

# ଆର୍ଥକ୍ୱେକ୍

ମେଘାଳୟରେ ଗତ ମଧ୍ୟରାତ୍ରିରେ ୩ ଦଶମିକ୍ ୬ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଅନୁଭୂତ ହୋଇଛି । ସେଠାକାର ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଭୂମିକମ୍ପରେ କୌଣସି

ଧନଜୀବନ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିନାହିଁ । ଜାତୀୟ ଭୂକମ୍ପ କେନ୍ଦ୍ର ସୂଚନା ଅନୁଯାୟୀ ୫ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ର ସ୍ଥଳ ରହିଥିଲା । ସେହି ସମୟରେ ବାଂଲାଦେଶରେ ୪ ଦଶମିକ୍ ୧ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ମଧ୍ୟ ଅନୁଭୂତ ହୋଇଥିଲା । ଏହାର ପ୍ରଭାବ ମଧ୍ୟ ତ୍ରିପୁରାର ପଶ୍ଚିମ ଏବଂ ଉତ୍ତର ଭାଗରେ ଅନୁଭୂତ ହୋଇଥିଲା ।

## ଇଣ୍ଡିଆ-ମରିସସ

ମରିସସ୍‌ରେ ଜଳ ପାଇପ୍ ଲାଇନ୍ ପରିବର୍ତ୍ତନ ପ୍ରକଳ୍ପ ପାଇଁ ଭାରତ' ମରିସସ୍ ସରକାରଙ୍କୁ ୪୮୭ କୋଟି ୬୦ଲକ୍ଷ ଟଙ୍କାର ନୂଆ ଋଣ ପ୍ରଦାନ କରିଛି । ଭାରତୀୟ ବିକାଶ ଏବଂ ଅର୍ଥନୈତିକ ସହାୟତା ଯୋଜନା ଅଧୀନରେ ଭାରତ ପ୍ରଥମଥର ପାଇଁ ମରିସସ୍‌କୁ ରୁପି ଜରିଆରେ ଏହି ଅର୍ଥ ପ୍ରଦାନ କରୁଛି । ମରିସସ୍‌ରେ ପ୍ରାୟ ୧୦୦ କିଲୋମିଟର ପୁରୁଣା ଜଳପାଇପ୍ ଲାଇନ୍‌କୁ ପରିବର୍ତ୍ତନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ପ୍ରକଳ୍ପ ପାଇଁ ସରକାରଙ୍କ ପକ୍ଷରୁ ଯେଉଁ ଋଣ ପ୍ରଦାନ କରାଯାଉଛି ସେଥିରେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ୍ ରିହାତି ପ୍ରଦାନ କରିବ । ଏ ସଂକ୍ରାନ୍ତ ପ୍ରସ୍ତାବ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ମରିସସ୍ ପ୍ରତିପକ୍ଷ ମନିଶ୍ ଗୋବିନଙ୍କୁ ଦେବା ପରେ, ମରିସସ୍ ସରକାର ଏହାକୁ ଗ୍ରହଣ କରିଥିଲେ । ଆମ ସମ୍ବାଦଦାତା ଜଣାଇଛନ୍ତି, ଗ୍ଲୋବାଲ୍ ସାଉଥ୍ ଅନ୍ତର୍ଗତ ଦେଶ ଗୁଡ଼ିକର ସାମଗ୍ରୀକ ସାମାଜିକ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଏହା ଭାରତର ପ୍ରତିବଦ୍ଧତାକୁ ଦର୍ଶାଉଛି ।

## ମାଣ୍ଡବ୍ୟ-ସ୍ପୋର୍ଟସ୍ ବିଲ୍

ଜାତୀୟ କ୍ରୀଡ଼ା ପରିଚାଳନା ବିଲ୍ ୨୦୨୪ର ରୂପରେଖ ପ୍ରସ୍ତୁତ କରିବା ନିମନ୍ତେ କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିଛନ୍ତି । ଭାରତୀୟ ଅଲିମ୍ପିକ୍ ସଂଘ, ଜାତୀୟ କ୍ରୀଡ଼ା ମହାସଂଘ ଏବଂ ଜାତୀୟ କ୍ରୀଡ଼ା ବିକାଶ ସଂଘ ସହ ଗତକାଲି ଅନୁଷ୍ଠିତ ବୈଠକରେ ଜାତୀୟ କ୍ରୀଡ଼ା ପରିଚାଳନା ବିଲ୍ ସମ୍ପର୍କରେ ମତାମତ ଦେବା ପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଛି । ମନ୍ତ୍ରୀ ଶ୍ରୀ ମାଣ୍ଡବ୍ୟ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଦେଶରେ କ୍ରୀଡ଼ା କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ଭାରତକୁ କ୍ରୀଡ଼ା କ୍ଷେତ୍ରରେ ଏକ ବଳିଷ୍ଠ ପରିଚୟ ଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ଅଟନ୍ତି ।

## ସିବିଡିଟି-ଟିସିଏସ୍

କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ଼ ସି.ବି.ଡି.ଟି. ଆୟକର ବ୍ୟବସ୍ଥାକୁ ସରଳୀକରଣ କରିବା ଲାଗି ନିୟମରେ କେତେକ ପରିବର୍ତ୍ତନ କରିଛନ୍ତି । ସୂଚନା ଅନୁଯାୟୀ ଦରମା ପାଉଥିବା  କର୍ମଚାରୀଙ୍କ କ୍ଷେତ୍ରରେ ଯେଉଁ ପରିମାଣର ଅର୍ଥ, ଟି.ଡି.ଏସ୍. ଏବଂ ଟି.ସି.ଏସ୍. ଆକାରରେ ସଂଗ୍ରହ କରାଯାଉଛି, ତାହା ପାଇବା ପାଇଁ ଦାବି ପ୍ରକ୍ରିୟାକୁ ସରଳ କରାଯାଇଛି । ଏହାଛଡ଼ା ନାବାଳକମାନଙ୍କ କ୍ଷେତ୍ରରେ ଅଭିଭାବକମାନେ ଅର୍ଥ ଫେରସ୍ତ ପାଇବା ପାଇଁ ଦାବି କରିପାରିବେ ବୋଲି କୁହାଯାଇଛି । ବେତନଭୋଗି

କର୍ମଚାରୀଙ୍କ କ୍ଷେତ୍ରରେ ଆଦାୟ କରାଯାଇଥିବା କିମ୍ବା ମୂଳରୁ କଟିଥିବା ଟିକସକୁ ପାଇବା କ୍ଷେତ୍ରରେ ଏବଂ ନାବାଳକମାନଙ୍କ ଆୟକୁ ପିତାମାତାଙ୍କ ଆୟ ସହ ହିସାବ କରି  ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ତାହା ଫେରସ୍ତ କରିବା ଲାଗି ମଧ୍ୟ ଆୟକର ନିୟମରେ ସଂଶୋଧନ କରାଯାଇଛି ।

## ରେଲୱେ ଟିକେଟିଂ

ଭାରତୀୟ ରେଳବାଇ ପକ୍ଷରୁ ଅଗ୍ରୀମ ଟିକେଟ୍ ବୁକିଂ ବ୍ୟବସ୍ଥା ଅର୍ଦ୍ଧାଧିକ ହ୍ରାସ କରାଯାଇଛି । ଏହା ପୂର୍ବରୁ ୧୨୦ ଦିନ ଆଗରୁ ଟିକଟ ବୁକିଂ କରାଯାଉଥିବା ବେଳେ ଆଗାମୀ ନଭେମ୍ବର ୧ ଠାରୁ ୬୦ ଦିନ ଅର୍ଥାତ୍ ୨ ମାସ ପୂର୍ବରୁ ଅଗ୍ରୀମ ଟିକେଟ୍ ବୁକିଂ କରାଯାଇପାରିବ । ତେବେ ଚଳିତ ମାସ ଶେଷ ସୁଦ୍ଧା ଅଗ୍ରୀମ ବୁକିଂ ହୋଇଥିବା ଟିକେଟ୍ ଗୁଡ଼ିକ ବୈଧ ରହିବ ।

ଅନ୍ୟ ପକ୍ଷରେ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ପୂର୍ବରୁ ରହିଥିବା ୩୬୫ ଦିନର ଅଗ୍ରୀମ ବୁକିଂ ନିୟମରେ କୌଣସି ପରିବର୍ତ୍ତନ କରାଯାଇନାହିଁ ।

## ଦେବରାଜ ଡେଥ୍

ଲୋକପ୍ରିୟ ଅଭିନେତା ଦେବରାଜ ରାୟଙ୍କର ଗତକାଲି କୋଲକାତାର ଏକ ଡାକ୍ତରଖାନାରେ ପରଲୋକ ଘଟିଛି । ତାଙ୍କୁ ଅଣସ୍ତରୀ ବର୍ଷ ହୋଇଥିଲା । ବେଙ୍ଗଲି ସିନେମା ସମେତ ସେ ଦୂରଦର୍ଶନ ଓ ଆକାଶବାଣୀର ଜଣେ ଲୋକପ୍ରିୟ କଳାକାର ଥିଲେ । ୧୯୭୦ ମସିହାରେ ସତ୍ୟଜିତ ରାୟଙ୍କ

ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ପ୍ରତିଦ୍ୱନ୍ଦ୍ୱି'ରୁ ସେ ତାଙ୍କର ଚଳଚ୍ଚିତ୍ର ଜୀବନ ଆରମ୍ଭ କରିଥିଲେ । ମୃଣାଳୟ ସେନ୍‌ଙ୍କ ନିର୍ଦ୍ଦେଶିତ 'କଲକତା-୭୧' ଚଳଚ୍ଚିତ୍ରରେ ଦେବରାଜଙ୍କ ଅଭିନୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା । ସେ ତରୁଣ ମଜୁମ୍‌ଦାର, ବିଭୂତି ଲାହା ଏବଂ ତପନ ସିହ୍ନାଙ୍କ ଭଳି ପ୍ରସିଦ୍ଧ ନିର୍ଦ୍ଦେଶକଙ୍କ ସହ କାର୍ଯ୍ୟ କରିଥିଲେ ।

କୋଲକାତା ଦୂରଦର୍ଶନରେ ଶ୍ରୀ ରାୟ ଜଣେ ଲୋକପ୍ରିୟ ସମ୍ବାଦପାଠକ ଥିଲେ । ଆକାଶବାଣୀ କୋଲକାତାରେ ମଧ୍ୟ  ସେ ଅନେକ ଗୁଡ଼ିଏ ନାଟକରେ ଅଂଶଗ୍ରହଣ କରିଥିଲେ ।

## ଇସ୍ରାଏଲ୍ ସିନାଓ୍ୱାର୍ ଡେଥ୍

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି, ଆକ୍ରମଣରେ ହମାସର ମୁଖ୍ୟ କୁହାଯାଉଥିବା ସିନାଓ୍ୱାର୍‌ର ମୃତ୍ୟୁ ଘଟିଛି । ସେ କହିଛନ୍ତି, ଗାଜାରେ ଚାଲିଥିବା ଇସ୍ରାଏଲ୍‌ର ଯୁଦ୍ଧ ଶେଷ ହୋଇନାହିଁ । ଏ ପର୍ଯ୍ୟନ୍ତ ହମାସ ପକ୍ଷରୁ ସିନାଓ୍ୱାର୍‌ର ମୃତ୍ୟୁ ନେଇ କୌଣସି ସ୍ପଷ୍ଟିକରଣ ମିଳିନାହିଁ । ତେବେ ତାର ମୃତ୍ୟୁ ନେଇ ଇସ୍ରାଏଲ୍‌ର ବନ୍ଦୀ ଥିବା ପରିବାରଗୁଡ଼ିକୁ ଅବଗତ କରାଇବା ଲାଗି ଶ୍ରୀ ନେତାନ୍ୟାହୁ ନିର୍ଦ୍ଦେଶ ଦେଇଛନ୍ତି । ଗତକାଲି ଇସ୍ରାଏଲ୍ ସେନା ଗାଜାରେ ଆକ୍ରମଣ ପରେ ସିନାଓ୍ୱାର୍ ସହିତ ଅନ୍ୟ ତିନି ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଥିବା କହିଥିଲା ।

ସୂଚନା ଅନୁଯାୟୀ ସିନାଓ୍ୱାର୍ ହମାସର ରାଜନୈତିକ  ବ୍ୟୁରୋର ମୁଖ୍ୟ ଥିଲେ । ଇସ୍‌ମାଇଲ୍ ହାନିଏ ପରେ ସେ ହମାସର ମୁଖ୍ୟ ଭାବେ କାର୍ଯ୍ୟ

କରୁଥିଲା । ଚଳିତ ବର୍ଷ ଜୁଲାଇ ମାସରେ ତେହେରାନ୍‌ରେ ହାନିଏର ଆକ୍ରମଣରେ ମୃତ୍ୟୁ ଘଟିଥିଲା । କିଛି ସପ୍ତାହ ପୂର୍ବରୁ ଇସ୍ରାଏଲ୍ ପକ୍ଷରୁ ଲେବାନନ୍‌ରେ ହୋଇଥିବା ଆକ୍ରମଣରେ ହିଜ୍‌ବୁଲ୍ଲାର ପ୍ରମୁଖ ହସନ୍ ନସରୁଲ୍ଲାର ମଧ୍ୟ ମୃତ୍ୟୁ ଘଟିଥିଲା । ଇତିମଧ୍ୟରେ ଆମେରିକାର ବୈଦେଶିକ ମନ୍ତ୍ରୀ ଆଣ୍ଟୋନି ବ୍ଲିକେନ୍ କହିଛନ୍ତି, ସିନାଓ୍ୱାର୍‌ର ମୃତ୍ୟୁ ପରେ ଗାଜାରେ ଯୁଦ୍ଧ ଶେଷ କରିବା ଲାଗି ପ୍ରୟାସ କରାଯିବ ।

# କ୍ରିକେଟ୍

ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ତିନିଟିକିଆ ଟେଷ୍ଟ ସିରିଜ୍‌ର ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଆଜି ତୃତୀୟ ଦିନରେ ନ୍ୟୁଜିଲାଣ୍ଡ ୧୮୦ରନ୍‌ରୁ ବ୍ୟାଟିଂ ଜାରି ରଖିବ । ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ଭାରତ ଠାରୁ ୧୩୪ରନ୍ ଆଗରେ ରହିଛି । ଗତକାଲି ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ନ୍ୟୁଜିଲାଣ୍ଡ ତାର ପ୍ରଥମ ଇନିଂସରେ ୩ ଓ୍ୱିକେଟ୍‌ରେ ୧୮୦ରନ୍ ସଂଗ୍ରହ କରିଛି ।

ସମ୍ପୂର୍ଣ୍ଣ ବ୍ୟାଟିଂ ବିପର୍ଯ୍ୟୟ ସହ ଭାରତ ତାର ପ୍ରଥମ ଇନିଂସରେ ସମସ୍ତ ଓ୍ୱିକେଟ୍ ହରାଇ ମାତ୍ର ୪୬ରନ୍ ସଂଗ୍ରହ କରିଥିଲା । ଟେଷ୍ଟ ଇତିହାସରେ ଭାରତର ଏହା ହେଉଛି ତୃତୀୟ ସର୍ବନିମ୍ନ ସ୍କୋର ।

# ସାଫ୍ ଫୁଟ୍‌ବଲ୍

ସାଫ୍ ମହିଳା ଫୁଟ୍‌ବଲ୍ ଚାମ୍ପିୟନ୍‌ସିପ୍‌ରେ ଗ୍ରୁପ୍-ଏର ଏକ ମ୍ୟାଚ୍‌ରେ ଭାରତ ପାକିସ୍ତାନକୁ ୫-୨ ଗୋଲ୍‌ରେ ପରାସ୍ତ କରିଛି । ନେପାଳର କାଠମାଣ୍ଡୁ ସ୍ଥିତ ଦଶରଥ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ୫ ଥରର ଚାମ୍ପିୟନ୍ ଭାରତ ଖେଳର ଅଧା ସମୟ ସୁଦ୍ଧା ୪-୧ରେ ଆଗରେ ରହିଥିଲା । ଏହି ମ୍ୟାଚ୍‌ରେ ଆସନ୍ତା ୨୩ ତାରିଖରେ ଗ୍ରୁପ୍-ଏର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ-ବାଂଲାଦେଶ ମଧ୍ୟରେ ମୁକାବିଲା ହେବ । ଅକ୍ଟୋବର ୩୦ରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ । ଗ୍ରୁପ୍-ଏରେ ଭାରତ, ପାକିସ୍ତାନ ଏବଂ ବାଂଲାଦେଶ ରହିଥିବା ବେଳେ ଗ୍ରୁପ୍-ବିରେ ନେପାଳ, ଭୁଟାନ୍, ମାଳଦ୍ୱୀପ ଏବଂ ଶ୍ରୀଲଙ୍କା ରହିଛନ୍ତି ।

# ମହିଳା କ୍ରିକେଟ୍

ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ଫାଇନାଲ୍‌କୁ ଉନ୍ନିତ ହୋଇଛି । ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଗତକାଲି ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକାକୁ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି । ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୧୩୪ରନ୍ ସ୍କୋର କରିଥିଲା । ଜବାବରେ ଦକ୍ଷିଣ ଆଫ୍ରିକା ୨ ଓଭର ବାକି ଥାଇ ବିଜୟଲକ୍ଷ୍ୟ ହାସଲ କରିଥିଲା ।

ଆଜି ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ  ନ୍ୟୁଜିଲାଣ୍ଡ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

ଆଜିର ବିଜେତା ଦଳ ସହ ଆସନ୍ତା ରବିବାର ଦିନ ଦୁବାଇରେ ଦକ୍ଷିଣ ଆଫ୍ରିକା ଫାଇନାଲ୍ ମ୍ୟାଚ୍ ଖେଳିବ ।